# ୩୪ତମ ପିକକ୍ ଶିଶୁମେଳା ର ଷଷ୍ଠ ସନ୍ଧ୍ୟା
## କୌତୁକ ପୋଷାକରେ ସଚେତନତାର ବାର୍ତ୍ତା

ଭୁବନେଶ୍ୱର ୧୯/୧୧ : ୩୪ ତମ ପିକକ୍ ଶିଶୁମେଳା ର ଅଜିଥିଲା ଷଷ୍ଠ ସନ୍ଧ୍ୟା । ଆଜି ସନ୍ଧ୍ୟା ର ମୁଖ୍ୟ ଆକର୍ଷଣ ଥିଲା କୌତୁକ ପୋଷାକ ପ୍ରତିଯୋଗୀତା । ବିଭିନ୍ନ ପ୍ରକାରର ବେଶ ପୋଷାକରେ ସୁସଜ୍ଜିତ ହୋଇ ପିଲାମାନେ ପରିବେଶ, ସାମାଜିକ ସମସ୍ୟା ଆଦି ବିଷୟ ଉପରେ ସଚେତନତାର ବାର୍ତ୍ତା ଦେଇଥିଲେ । ଏହା ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଆଜି ମଧ ପାଳନ କରାଯାଉଛି ବିଶ୍ୱ ଶିଶୁ ନିର୍ଯ୍ୟାତନା ନିରୋଧୀ ଦିବସ । ପିଲାମାନନେ ସଚେତନତା ବାର୍ତ୍ତା ଦେଇ ଏହି ଦିବସର ମହତ୍ତ୍ୱକୁ ବୁଝାଇଥିଲେ । ଏହି ପ୍ରତିଯୋଗୀତାର ବିଚାରକ ଭାବେ ବନ୍ଦିତା ଦାସ, ସୁମିତ୍ରା ତ୍ରିପାଠୀ, ଉଷାରାଣୀ ବେହେରା, ମଧୁମିତା ଦାସ, ନଳିନୀ ପ୍ରଧାନ ପ୍ରମୁଖ ଯୋଗ ଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ ।

ଆଜି ସଂଧାରେ ଅତିଥିଭାବେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ବିଶିଷ୍ଟ ସାହିତ୍ୟିକ ପ୍ରଦୀପ କୁମାର ବିଶ୍ୱାଳ(ଆଇଏସ), ଓଡିଆ ଚଳଚିତ୍ର ର ନାୟିକା ସମର୍ପିତା ଦାସ ଓ କଳାକାର ଦେବାର୍ଚ୍ଚନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ସେମାନେ ପିକକ୍ ର ଏହି ଉଦ୍ୟମକୁ ବହୁ ପ୍ରଶଂସା କରିଥିଲେ । ଅତିଥିମାନେ ଆଧୁନିକ ନୃତ୍ୟ ଓ ଓଡିଶୀ ନୃତ୍ୟ ର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ । ସାତଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ଓଡିଶା ସରକାରଙ୍କର ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ରୋଟାରୀ କ୍ଲବ ଅଫ ଭୁବନେଶ୍ୱର, ୟୁନିକ ।

ଅନ୍ୟ ମାନଙ୍କ ମଧରେ ପିକକ୍ ଶିଶୁମେଳା କମିଟିର ଅଧକ୍ଷ ପ୍ରଦୋଷ ପଟ୍ଟନାୟକ, ପିକକ୍ ର ସମ୍ପାଦକ ରଞ୍ଜନ ମହାନ୍ତି ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଓ ବରିଷ୍ଠ ସାମ୍ବାଦିକ ମାଧବନନ୍ଦ ବେହୁରା ପ୍ରମୁଖ ଉପସ୍ଥିତ ଥିଲେ । ପିକକ୍ ର ରତ୍ନା ଦାଶ, ଜ୍ୟୋତିଶଙ୍କର ମହାନ୍ତି, ଅଳ୍ପନା ଦାସ, ଉପମା ମହାନ୍ତି, ସୁମିତ୍ରା ମହାନ୍ତି, ପ୍ରିୟଦର୍ଶିନୀ ସ୍ୱାଇଁ, ବିଷ୍ଣୁପ୍ରିୟା ମହାପାତ୍ର, ସସ୍ମିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ସଂନ୍ଧ୍ୟାରେ ନୃତ୍ୟଶ୍ରୀ ଓ ନୃତ୍ୟ ପ୍ରତିଭା ଡାନ୍ସ ଗ୍ରୁପର ପିଲାମାନଙ୍କ ଦ୍ୱାରା ପରିବେଷିତ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକ ମାନଙ୍କର ମନ ମୋହି ନେଇଥିଲା । ଆଜି ସନ୍ଧ୍ୟାର କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ ଆରୁଷି ଓ ଆଦ୍ୟାଶା।

<u>୩୪ ତମ ପିକକ୍ ଶିଶୁମେଳା ୭ମ ଦିବସ ତା ୨୦. ୧୧. ୨୦୨୩ ରିଖ କାର୍ଯ୍ୟସୂଚୀ</u>
ସ୍ଥାନ – ଏକାମ୍ର ହାଟ, ଆମ୍ଫିଥିଏଟର
ଉଦଯାପନୀ ଉତ୍ସବ ଓ ବାର୍ଷିକ ସମ୍ମାନ ପ୍ରଦାନ – ସନ୍ଧ୍ୟା ୬:୩୦ ଘଟିକା